# ‘ମାସକ ମଧ୍ୟରେ ଅଭିଯୋଗର ଉତ୍ତର ମିଳିବ’

## ୫-ଟି ସଚିବଙ୍କ ଗଞ୍ଜାମ ଗସ୍ତର ଦ୍ୱିତୀୟ ଦିନ

ଆସିକା,୨୬।୮ (ସୁରେନ୍ଦ୍ରନାଥ ସାହୁ)/ ସୋରଡ଼ା (ଲମ୍ୱୋଦର ପାଣିଗ୍ରାହୀ)/ ପୋଲସରା (ସୁବ୍ରତ ବେହେରା)/ ଖଲ୍ଲିକୋଟ (ପ୍ରଶାନ୍ତ ମିଶ୍ର)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗଞ୍ଜାମ ଜିଲା ଗସ୍ତର ଶନିବାର ଥିଲା ଦ୍ୱିତୀୟ ଦିନ। ଆସିକା କଲେଜ ଛକସ୍ଥିତ ବିଜ୍ଞାନ ମହାବିଦ୍ୟାଳୟ ସଂଲଗ୍ନ ପଡିଆରେ ୫-ଟି ସଚିବ ପାଣ୍ଡିଆନ ଜନସାଧାରଣଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଛନ୍ତି। ଆୟୋଜିତ ସଭାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭରଶୀଳ ଯୋଜନା ମାଧ୍ୟମରେ ପରିବାରର ଆର୍ଥିକ ଅଭିବୃଦ୍ଧି ଘଟାଇବା ଲାଗି ସଂକଳ୍ପ ନେଇଛନ୍ତି। ଜନସାଧାରଣ ଏହାର ସୁଫଳ ହାସଲ କରିବା ଦିଗରେ ଯତ୍ନବାନ ହେବା ଲାଗି ପରାମର୍ଶ ଦେଇଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ହାସଲ କରିବାରେ ସକ୍ଷମ ହେବେ। ଛାତ୍ରୀଛାତ୍ର ଏହି ସୁଯୋଗକୁ ହାତଛଡା ନ କରି ୫ବର୍ଷ ଅଧ୍ୟୟନ ଦିଗରେ ସଂକଳ୍ପବଦ୍ଧ ହେଲେ ଜୀବନର ବାକି ୫୦ବର୍ଷ ସ୍ୱଚ୍ଛନ୍ଦରେ କଟାଇବାକୁ ସମର୍ଥ ହୋଇପାରିବେ ବୋଲି କହିଥିଲେ। ଆସିକା ବ୍ଲକର କେନ୍ଦୁପଦରସ୍ଥିତ ଏନ.ବି.ସି କଲେଜ, ଆସିକା ବିଜ୍ଞାନ ମହାବିଦ୍ୟାଳୟ, ନିରଞ୍ଜନ ସରକାରୀ ମହାବିଦ୍ୟାଳୟ ଓ ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଥିବା ସେ ସୂଚନା ଦେଇଥିଲେ। ଆସିକା ସବଡିଭିଜନାଲ ହସ୍ପିଟାଲ ୪୨ କୋଟି ଟଙ୍କା ବ୍ୟୟ ବରାଦରେ ରୂପାନ୍ତରଣ ହେବ ବୋଲି ସୂଚନା ଦେଇଛନ୍ତି । ରାଜ୍ୟକୁ ସାମଗ୍ରୀକ କ୍ଷେତ୍ରରେ ସଶକ୍ତ କରିବାକୁ ହେଲେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ପରିବାରର ଆର୍ଥିକ ଅଭିବୃଦ୍ଧି ଘଟାଇବା ଅତ୍ୟନ୍ତ ଜରୁରୀ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଯୋଜନାକୁ ଏକ ଜନ ଆନ୍ଦୋଳନ ଭାବେ ଗ୍ରହଣ କରିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଥିବା ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୋଷ୍ଠୀ କେନ୍ଦ୍ରର ଉନ୍ନତୀକରଣ ଲାଗି ପଦକ୍ଷେପ ନେଇଛନ୍ତି। ଏ ସମ୍ପର୍କରେ ସମସ୍ତ ଆବେଦନକାରୀ ସପ୍ତାହେ ମଧ୍ୟରେ ମଞ୍ଜୁର ପତ୍ର ପାଇବେ। ଏହାଛଡା ସେ ପାଇଥିବା ବିଭିନ୍ନ ଅଭିଯୋଗର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ ।


ପୋଲସରାରେ ୫-ଟି ସଚିବ ଲୋକଙ୍କ ସହ ହାତ ମିଳାଉଛନ୍ତି।


ଆସିକା ସମାବେଶରେ ଯୋଗଦେଇଥିବା ମହିଳାମାନେ।

ସେହିପରି ସୋରଡ଼ା ଗସ୍ତ ସମୟରେ ଆଦିବାସୀ ବହୁଳ ସାଲିମା ଗୋଛା, ମେରିକୋଟ ପଞ୍ଚାୟତକୁ ସତନ୍ତ୍ର ଦୃଷ୍ଟି ଦେବାସହ ପିପଲପଙ୍କା ଠାରେ ଜଳଭଣ୍ଡାର ନିର୍ମାଣ କରାଯିବ ବୋଲି କହିଛନ୍ତି। ଅଞ୍ଚଳର ସମସ୍ତ ମନ୍ଦିର, ମସଜିଦ, ଗୀର୍ଜାର ରୂପାନ୍ତରଣ ପାଇଁ ଅନୁଦାନ ପ୍ରଦାନ କରାଯିବ ବୋଲି କହିଥିଲେ।

ସେହିପରି ଖଲ୍ଲିକୋଟ ଆରସିଏମ କଲେଜ ପଡିଆରେ ଆୟୋଜିତ ସାଧାରଣ ସଭାରେ ୫-ଟି ସଚିବ ଯୋଗଦେଇ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁରୁଜୀ ଏବଂ ପିତାମାତାଙ୍କୁ ସମ୍ମାନ ଦେବା ସହ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆରସିଏମ କଲେଜକୁ ୫-ଟି ଅନ୍ତର୍ଭୁକ୍ତ କରିଥିବା ଘୋଷଣା କରିଥିଲେ। ୬ ମାସ ମଧ୍ୟରେ କଲେଜ ନବୀକରଣ ହେବ। ୩୦୦ରୁ ଊର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ବଡ଼ ରାମପଲ୍ଲୀର ଜଣେ ଦିବ୍ୟାଙ୍ଗ ଦୁଃଶାସନ ବେହେରାଙ୍କ ଠାରୁ ନିଜ ସମସ୍ୟା ଶୁଣି ସମାଧାନ ପାଇଁ ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ପୋଲସରା ଲୁଣିଘାଟି ପଡ଼ିଆ ଠାରେ ଆୟୋଜିତ ସଭାରେ ସଚିବ ଲୋକମାନଙ୍କ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବାଉିନି ମହାବିଦ୍ୟାଳୟ ଓ ବୁଗୁଡ଼ା ପିପୁଲସ କଲେଜ ଆଦି ୫-ଟିରେ ରୂପାନ୍ତରଣ ହେବ ବୋଲି ଘୋଷଣା କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗତ ୨ ବର୍ଷ ଭିତରେ ୭୦ ହଜାର ଲୋକ ଉପକୃତ ହୋଇଛନ୍ତି। ଆପଣମାନେ ମଧ୍ୟ ଚିକିତ୍ସିତ ହୋଇପାରିବେ ବୋଲି କହିଥିଲେ। ପୋଲସରା ଓ ବୁଗୁଡ଼ା ବ୍ଲକର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ୧୫୦୦କୋଟି ଟଙ୍କା ମଞ୍ଜୁର ହୋଇଥିବା ଘୋଷଣା କରିଛନ୍ତି। ବୁଢ଼ାମ୍ବ ଠାରୁ ବୁଗୁଡ଼ା ନୂତନ ରାସ୍ତା ନିର୍ମାଣ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର ହେଇଥିବା ବେଳେ ଚିରିକିପଡା ଠାରୁ ସିଂହାସନୀ ଦେଇ ବାଣପୁର ଯିବା ରାସ୍ତା ନିର୍ମାଣ ପାଇଁ ୩୧ କୋଟି ଟଙ୍କା ମଞ୍ଜୁର ହୋଇଛି। ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ୧୩ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଚାଲୁରହିଥିବା କହିଥିଲେ।

କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଏସପି ଜଗମୋହନ ମୀନା, ବ୍ରହ୍ମପୁର ମ୍ୟୁନିସିପାଲିଟିର କମିସନର ଜେ.ସୋନାଲଙ୍କ ସମେତ ବହୁ ପଦାଧିକାରୀ ସାମିଲ ଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ଜନସାଧାରଣ ଯୋଗଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସୁନିଲକୁମାର


@ ଜୟ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


# ଆଇଟିଆଇରେ ସୁରକ୍ଷା, ଶକ୍ତି ସଂରକ୍ଷଣ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଟିପିଏଓଡିଏଲ କର୍ମକର୍ତ୍ତା ଓ ଆଇଟିଆଇ ଛାତ୍ରୀଛାତ୍ର ।

ବ୍ରହ୍ମପୁର,୨୬।୮ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ରେ ଟିପିଏସଓଡିଏଲର ମିଳିତ ଆନୁକୁଲ୍ୟରେ ସୁରକ୍ଷା ଓ ଶକ୍ତି ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିଏସଓଡିଏଲ ପକ୍ଷରୁ ସୁମନ୍ତ କେଶରୀ ମହାପାତ୍ର, ନୀଳାଦ୍ରି ପ୍ରସାଦ ମହାପାତ୍ର, ବିଭୂତି ଭୂଷଣ ସିଂ ଓ ଦେବସ୍ମିତା ପାତ୍ର ଓ ରତନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଇଟିଆଇର ଇଲେକଟ୍ରୋନିକ୍ସ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଓ ଶକ୍ତି ସଂରକ୍ଷଣ ନେଇ ଟିପିଏସଓଡିଏଲ କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଇଟିଆଇର ଛାତ୍ରୀଛାତ୍ରମାନେ ବହୁ ଉଚ୍ଚ ସ୍ତରରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଶଂସନୀୟ। ତେଣୁ ଆଇଟିଆଇରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବା ଟିପିଏସଓଡିଏଲ ପକ୍ଷରୁ କୁହାଯାଇଛି। କର୍ମଶାଳାରେ ଟିପିଏସଓଡିଏଲ ସହଯୋଗ କରିଥିବାରୁ ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କୃତଜ୍ଞତା ଜଣାଇଥିଲେ।

# ଭାଜପା, କଂଗ୍ରେସର ବିରୋଧ

ପୋଲସରା,୨୬।୮ (ସୁବ୍ରତ ବେହେରା)/ ଖଲ୍ଲିକୋଟ (ପ୍ରଶାନ୍ତ କୁମାର ମିଶ୍ର)

୫-ଟି ସଚିବ ଭି. କେ ପାଣ୍ଡିଆନଙ୍କ ଗଞ୍ଜାମ ଜିଲା ପୋଲସରା ଗସ୍ତକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଉପ ସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ସହିତ ଶତାଧିକ କର୍ମୀ କଳା ପତାକା ଦେଖାଇଥିଲେ। ପାଣ୍ଡିଆନ ‘ଗୋ ବ୍ୟାକ’ ସ୍ଲୋଗାନ ଦେବା ସହ ‘ଶ୍ରୀକାନ୍ତ ସାହୁ ହଟାଓ ପୋଲସରା ବଞ୍ଚାଓ’ କହି ବିରୋଧ କରିଥିଲେ। ଏହି ସମୟରେ ବିଜେଡି ଓ ଭାଜପା କର୍ମୀ ମୁହାଁ ମୁହିଁ ହୋଇଥିଲେ। ସେହିପରି ଖଲ୍ଲିକୋଟ ଗସ୍ତ ସମୟରେ ନିର୍ମଳଝର ଛକ ଠାରେ ଭାଜପା ଓ କଂଗ୍ରେସ ପକ୍ଷରୁ କଳା ପତାକା ପ୍ରଦର୍ଶନ କରାଯାଇଥିଲା। ପୋଲିସ ତୁରନ୍ତ ସେମାନଙ୍କୁ କାବୁ କରିବା ସହ ବେଗୁନିଆପଡା ଥାନାକୁ ନେଇ ଅଟକ ରଖିଥିଲେ। ଭାଜପା ଘୁମୁସର ଜିଲାର ଉପସଭାପତି ଅନୀଲ କୁମାର ପଣ୍ଡା, ପୂର୍ବତନ ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ସମ୍ପାଦକ ଯଜ୍ଞନାରାୟଣ ଦାଶଙ୍କ ସମେତ ୧୪ ଜଣଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି।

# ଅକ୍ଟୋବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ


ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ୫-ଟି ସଚିବ।

ପାରଳାଖେମୁଣ୍ଡି,୨୬।୮ (ଗିରିଧାରୀ ପରିଛା)

## ଗଜପତିରେ ଏକାଧିକ ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ

୫-ଟି ସଚିବ ଭି.କେ ପାଣ୍ଡିଆନ ଅଚାନକ ଗଜପତି ଗସ୍ତର ଦ୍ୱିତୀୟ ଦିନରେ ଏକାଧିକ ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଗତ ମେ’ ମାସରେ ସିଏମଓ ଗସ୍ତ ସମୟରେ ୭୮୯ଟି ଅଭିଯୋଗ ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୨୫ ଆବେଦନ ସମାଧାନ ହୋଇଛି ଓ ୬୪ ଆବେଦନ କେତେଦୂର କାର୍ଯ୍ୟକାରୀ ହୋଇଛି ସେସବୁର ସମୀକ୍ଷା କରିଛନ୍ତି। ଏଥିସହିତ ଏକ୍ସପ୍ରେସ ୱେ ପାଇଁ ଜମି ଅଧିଗ୍ରହଣ ସର୍ଭେ କାର୍ଯ୍ୟ କେତେଦୂର ଅଗ୍ରଗତି କରିଛି ଓ ତାହାସହ ପାରଳାଖେମୁଣ୍ଡି ସହରରେ ନିର୍ମାଣ ହେବାକୁ ଥିବା ୪ ଲାଇନ ବିଶିଷ୍ଟ ରିଙ୍ଗ ରୋଡ କାର୍ଯ୍ୟର ଜମିଅଧିକରଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣରେ ପ୍ରଭାବିତ ଗାଁ ଲୋକଙ୍କ ସମସ୍ୟା ନେଇ ୧୦.୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ସେହି କାର୍ଯ୍ୟ କେତେଦୂର ଆଗେଇଛି, ରାମସାଗର ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୩.୫୦କୋଟି, କୃଷ୍ଣସାଗର ପାଇଁ ୩.୧୪କୋଟି, ଗଜପତି ସାଗର ପାଇଁ ୧.୪କୋଟି ମଞ୍ଜୁର କରାଯାଇଥିଲା। ଏହାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପାରଳାଖେମୁଣ୍ଡି ପୌରପାଳିକାରେ ୬.୧୪ କୋଟି ଟଙ୍କାରେ ସଂସ୍କୃତି ଭବନ ନିର୍ମାଣ କାର୍ଯ୍ୟ କେତେଦୂର ଆଗେଇଛି ବୁଝିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନକୁ ୧୧ କୋଟି ଓ ଧାର୍ମିକ ଅନୁଷ୍ଠାନ ସହ କମ୍ୟୁନିଟି ହଲ ନିର୍ମାଣ ପାଇଁ ୧୮.୪୫କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ସେହିକାର୍ଯ୍ୟ କେତେଦୂର ଆଗେଇଛି ସେ ସମସ୍ତ ତଥ୍ୟ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହିତ ଅକ୍ଟୋବର ଶେଷ ସୁଦ୍ଧା ଏହିସବୁ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଭୋର ୬.୩୦ମିନିଟରେ ଆରମ୍ଭ ହୋଇ ସକାଳ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଗଞ୍ଜାମ ଜିଲା ଅଭିମୁଖେ ଗସ୍ତ କରିଥିଲେ।

# ଗାଡ଼ି ସହ ୨ କୁଇଣ୍ଟାଲ ଗଞ୍ଜେଇ ଜବତ

ବ୍ରହ୍ମପୁର,୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗଞ୍ଜେଇ ଧରପଗଡ ଜୋରଦାର କରାଯାଇଛି। ଅବକାରୀ ଟିମ ଧରାକୋଟ ବ୍ରିଜ ନିକଟରେ ଚଢାଉ କରି ଗଞ୍ଜେଇ ବୋଝେଇ ହୋଇଥିବା ବୋଲେରୋ ପିକଅପ ଭ୍ୟାନ ଜବତ କରିଛି। ସେଥିରେ ଥିବା ୨ କୁଇଣ୍ଟାଲ ୧ କେଜି ଗଞ୍ଜେଇକୁ ଜବତ କରାଯାଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜବତ ଗଞ୍ଜେଇ ଆସିକା ଅଦାଲତର ଜିମା ଦିଆଯାଇଛି। ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ ଚଢାଉରେ ସାମିଲ ହୋଇଥିଲେ। ଏଥିରେ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ ଥିଲେ।


ଜବତ ଗଞ୍ଜେଇ ସହ ଗାଡି।

# ୫-ଟି ସଚିବଙ୍କ ଦିଗପହଣ୍ଡି ଗସ୍ତ ଆଜି

ଦିଗପହଣ୍ଡି,୨୬।୮ (ଅଶେଷ ନାଥ ମିଶ୍ର)

୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ଦିଗପହଣ୍ଡି ଗସ୍ତରେ ଆସୁଛନ୍ତି। ଖେମୁଣ୍ଡି କଲେଜ ଖେଳପଡିଆଠାରେ ଆୟୋଜିତ ସଭାକାର୍ଯ୍ୟରେ ଯୋଗଦେବେ। ଏହି ଅବସରରେ ଶନିବାର ବ୍ରହ୍ମପୁର ଏସ.ପି ଡ଼. ଶ୍ରବଣ ବିବେକ ଏମ୍, ବ୍ରହ୍ମପୁର ଉପ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସଭାସ୍ଥଳ ଓ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିଦର୍ଶନ କରି ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି। ଶାନ୍ତି ଶୃଙ୍ଖଳା, ଟ୍ରାଫିକ ସମସ୍ୟା, ସୁରକ୍ଷା ବ୍ୟବସ୍ଥାକୁ ନଜର ରଖି ସଭାସ୍ଥଳ ଓ ହେଲିପ୍ୟାଡ ସ୍ଥଳରେ ୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି।

# ନିୟନ୍ତ୍ରଣରେ ରହୁନି ବସ୍, ଟ୍ରକ୍‌ର ବେଗ

ବ୍ରହ୍ମପୁର,୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ)

## କାମ କରୁନି ସ୍ପିଡ୍ ଗଭର୍ନାନ୍ସ

ଦ୍ରୁତ ଗାଡ଼ି ଚାଳନା କାରଣରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏହା ଉପରେ ରୋକ୍ ଲଗାଇବାକୁ ଯାତ୍ରୀ ଓ ମାଲ ପରିବହନ ଗାଡ଼ିରେ ସ୍ପିଡ୍ ଗଭର୍ନାନ୍ସ ଲଗାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ପିଡ୍ ଗଭର୍ନାନ୍ସ ନ ଥିଲେ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବ ନାହିଁ। ତେବେ ଏହା କେବଳ ନିୟମ ଭିତରେ ସୀମିତ ରହିଛି। କେବଳ ଫିଟନେସ୍ ସାର୍ଟିଫିକେଟ୍ ପାଇଁ ସ୍ପିଡ୍ ଗଭର୍ନାନ୍ସ ଲାଗୁଛି। ପରେ ଏହା କାମ କରୁଛି କି ନାହିଁ କେହି ଯାଞ୍ଚ କରୁନାହାନ୍ତି। ପୁଣି ଥରେ ଫିଟନେସ୍ ପଞ୍ଜୀକରଣ କରିବାକୁ ଆସିଲେ ଦରକାର ହେଉଛି ସିଡ୍ ଗଭର୍ନାନ୍ସ। ଗଞ୍ଜାମ ଜିଲାରେ ୫୭ହଜାର ଟ୍ରକ୍ (ଅନରୋଡ଼) ପଞ୍ଜୀକୃତ ଅଛନ୍ତି। ୪୯୮ ଯାତ୍ରୀ ପରିବହନ ବସ୍ (ଅନରୋଡ୍) ଅଛନ୍ତି। ସବୁ ଗାଡ଼ିରେ ସ୍ପିଡ୍ ଗଭର୍ନାନ୍ସ ଲାଗିଥିବା ଆରଟିଓ ମାନସ ରଞ୍ଜନ ସାହୁ କହିଛନ୍ତି। ହେଲେ କେତେ ଗାଡ଼ିରେ ସ୍ପିଡ୍ ଗଭର୍ନାନ୍ସ କାମ କରୁଛି ଏବଂ କେତେ ଗାଡ଼ିରେ କାମ କରୁନି ତାହାର ତଥ୍ୟ ନ ଥିବା ସେ କହିଛନ୍ତି। ଓଭର ସ୍ପିଡ୍ ଗାଡ଼ି ଚଳାଇଲେ ମକଦ୍ଦମା ରୁଜୁ କରାଯାଉଛି। ପ୍ରତ୍ୟେକ ମାସରେ ୩୦ରୁ ୪୦ ଗାଡ଼ି ବିରୋଧରେ ମାମଲା କରାଯାଉଛି ବୋଲି ଆର୍‌ଟିଓ କହିଛନ୍ତି।

ଫିଟନେସ୍ ସାର୍ଟିଫିକେଟ୍ ନେବା ପରେ ଗାଡ଼ି ମାଲିକ ଓ ଡ୍ରାଇଭର୍ ମାନେ ସ୍ପିଡ୍ ଗଭର୍ନାନ୍ସକୁ ଗୁରୁତ୍ୱ ଦେଉନାହାନ୍ତି। ଯାହାଫଳରେ ଗାଡ଼ିର ବେଗ ନିୟନ୍ତ୍ରିତ ହୋଇପାରୁନି ଏବଂ ଦ୍ରୁତ ଗତି ଯୋଗୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ମିଳିଥିବା ସୂଚନା ପ୍ରକାରେ ଜିଲାରେ ଗତବର୍ଷ ଫିଟନେସ୍ ପାଇଁ ଆସିଥିବା ୬୩୦ଟି ଗାଡ଼ିର ସିଡ୍ ଗଭର୍ନାନ୍ସ ନ ଥିଲା। ତେଣୁ ଉକ୍ତ ଗାଡିଗୁଡିକର ଫିଟନେସକୁ ବାତିଲ କରାଯାଇଥିଲା। ଅନ୍ୟପକ୍ଷରେ ଗତବର୍ଷ ୪୩୪୫ ପୁରୁଣା ଗାଡ଼ିରେ ସ୍ପିଡ୍ ଗଭର୍ନାନ୍ସ ନୂଆରେ ଲଗାଯାଇଥିବା ଆରଟିଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ପରିବହନ ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ଗାଡ଼ିର ସ୍ପିଡ୍ ରହିବ। ସ୍ପିଡ୍ ଗଭର୍ନାନ୍ସ ଲାଗିବା ଦ୍ୱାରା ଗାଡ଼ିର ବେଗ ନିୟନ୍ତ୍ରିତ କରାଯାଇପାରିବ। ଜିଲାର ବିଭିନ୍ନ ରୋଡ଼ ପାଇଁ ବେଗ ନିର୍ଦ୍ଧାରଣ କରାଯାଇଛି। ଏହା ଅନୁଯାୟୀ ଗାଡ଼ିର ସ୍ପିଡ୍ ରହିବ। କିନ୍ତୁ ଏହି ନିୟମକୁ କେହି ମାନୁନାହାନ୍ତି। ଦିଗପହଣ୍ଡି ମୌଳାଭଞ୍ଜା ଛକରେ ଗତ ଜୁନ ୨୫ ତାରିଖରେ ମିନିବସ୍ ସହ ଓଏସ୍‌ଆରଟିସି ବସ୍‌ର ଧକ୍କା ହୋଇଥିଲା। ଓଭରସ୍ପିଡ୍ କାରଣରୁ ଓଏସ୍‌ଆରଟିସି ବସ୍ ମିନିବସ୍ ଉପରେ ମାଡ଼ି ଯାଇଥିବା ପ୍ରାଥମିକ ତଦନ୍ତରେ ଜଣାପଡିଛି ବୋଲି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍ କହିଛନ୍ତି। ସେହିପରି ଗୋପାଳପୁର ଥାନା ମାଣ୍ଡିଆପଲ୍ଲି ଛକରେ ୨୦୨୩ ଫେବୃଆରୀ ୧୫ତାରିଖରେ ରାତିରେ ବରଯାତ୍ରୀ ପ୍ରୋସେସନ୍ ଚାଲିଥିବା ବେଳେ ଏକ ଦ୍ରୁତଗାମୀ କାର୍ ମାଡ଼ିଯିବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ୫ରୁ ଅଧିକ ଆହତ ହୋଇଥିଲେ। ତେଣୁ ସବୁ ଗାଡ଼ିରେ ସ୍ପିଡ ଗଭର୍ନାନ୍ସ କାମ କରୁଛି କି ନାହିଁ ନିଶ୍ଚିତ ଯାଞ୍ଚ ହେବା ଆବଶ୍ୟକ। ନଚେତ ଏଭଳି ଦୁର୍ଘଟଣା ଘଟି ଅମୂଲ୍ୟ ଜୀବନ ଚାଲିଯିବ।




